**ଶ୍ରମଦାନ ଶିବିର**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ର ଓ ସାମାଜିକ ସାଂସ୍କୃତିକ ବିକାଶ ସଂଘ ଆନୁକୂଲ୍ୟରେ ସଦର ବ୍ଲକ ବାଲ୍ୟାମ୍ବା ଗ୍ରାମରେ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୬୦ ବର୍ଷ ପୁରୁଣା କୂଅର ଚାନ୍ଦିନୀ ଏବଂ ନଳକୂପର ପୁନରୁଦ୍ଧାର କରାଯାଇଥିଲା। ଅନୁଷ୍ଠାନର ସୌମ୍ୟା ମିଶ୍ର ଓ ବାଲ୍ୟାମ୍ବା ଗ୍ରାମର ସାମାଜିକ କର୍ମୀ ଚନ୍ଦନ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# 'ଏ ମାଟିରେ ଜନ୍ମହୋଇ ଗର୍ବିତ'

## କାମାକ୍ଷାନଗର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

କାମାକ୍ଷାନଗର, ୯।୨(ଡି.ଏନ୍.ଏ.)

ଢେଙ୍କାନାଳ ହେଉଛି ଗର୍ବ ଓ ଗୌରବ ମାଟି। ଏଠାକାର କଳାସଂସ୍କୃତି, ପର୍ବପର୍ବାଣି ନିଆରା। ଶହୀଦ ବାଜି ରାଉତଙ୍କ ମାଟିରେ ଜନ୍ମ ହୋଇଥିବାରୁ ଜଣେ ଢେଙ୍କାନାଳିଆ ଭାବେ ଗର୍ବିତ ବୋଲି କହିଛନ୍ତି ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ କାମାକ୍ଷାନଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏଭଳି ମହୋତ୍ସବ କେବଳ ସହରରେ ସୀମିତ ରହିବା ଅନୁଚିତ। ସମସ୍ତ ଗ୍ରାମାଞ୍ଚଳରେ ଏହାର ଆୟୋଜନ କରାଯିବା ଉଚିତ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, କାମାକ୍ଷାନଗର ମାଟିର ୩ଜଣ ବ୍ୟକ୍ତି ପ୍ରଶାସନିକ ସେବାରେ ରହି କାର୍ଯ୍ୟ କରିବାର ସୁଯୋଗ ପାଇଛୁ। ସ୍ଥାନୀୟ ମନ୍ତ୍ରୀଙ୍କ ଉଦ୍ୟମରେ ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇପାରିଛି। ଏହା ଆରମ୍ଭ ମାତ୍ର। ଆଗାମୀ ଦିନରେ ଏଭଳି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ସେ ନିଜ ଅଭିଭାଷଣରେ କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାଶ ନାୟକ ଯୋଗଦେଇ କହିଲେ, ଓଡ଼ିଆମାନେ ଶିଖର ଛୁଇଁଲେଣି। ଏଥିପାଇଁ ଆମେ ସମସ୍ତ ଗର୍ବ କରିବା ଉଚିତ୍।

ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପସଭାନେତ୍ରୀ ବିଳାସିନୀ ସେଠୀ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ନଗରପାଳ ଶୁଭେନ୍ଦୁ ସାହୁ, ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷକ ଗଗନ ପଣ୍ଡା, ଅକ୍ରୁର ବିଶ୍ୱାଳ, ରାଜ୍ୟସ୍ତରୀୟ କବାଡ଼ି ଖେଳାଳି ଅଶ୍ୱିନୀ ନାୟକ, ରଞ୍ଜନ ସାହୁ, ଅନନ୍ୟା ଅନ୍ୱେଷା ମିଶ୍ର, ଶୁଟର ଦିଗନ୍ତଜ୍ୟାତି ପଟ୍ଟନାୟକ, ସାହିତ୍ୟିକ ଡ. ପ୍ରଫୁଲ୍ଲ ପାଣି, ପାଲା ସଂସ୍କୃତି ସଂରକ୍ଷକ ଅଶୋକ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସମ୍ପାଦକ ବିଡିଓ ବିକାଶ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ମତୁଆଲା କଲେ ପପୁ, ଅସୀମା

ପ୍ରଥମ କାମାକ୍ଷାନଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଏବଂ କଣ୍ଠଶିଳ୍ପୀ ଅସୀମା ପଣ୍ଡା। ଷ୍ଟାଡିୟମରେ ଭରପୂର ଦର୍ଶକ ପପୁଙ୍କ କମେଡିରେ ହସିହସି ବେଦମ୍ ହୋଇଥିବାବେଳେ ଅସୀମା ଏବଂ ଜେମ୍‌ସଙ୍କ ମନଛୁଆଁ ସଙ୍ଗୀତ ଦର୍ଶକଙ୍କୁ ନଚାଇବାକୁ ବାଧ କରିଥିଲେ।

ଏଥିପୂର୍ବରୁ ଅପରାହ୍ନରେ ଆଞ୍ଚଳିକ କଳାକାରଙ୍କ ପାରମ୍ପରିକ ଓ ଆଧୁନିକ ନୃତ୍ୟସଙ୍ଗୀତରେ ଦୁଲୁକି ଉଠିଥିଲା ମଞ୍ଚ। ଭୁବନ ସୁରପ୍ରତାପପୁର କଳାକାରଙ୍କ ଦଣ୍ଡନୃତ୍ୟ, କୁଆଳୋର ଖଞ୍ଜଣି ଭଜନ, ଭୁବନ ମହିଳା କଲେଜ ଛାତ୍ରୀଙ୍କ ସମ୍ବଲପୁରୀ ନୃତ୍ୟ, ଜବାହର ନବୋଦୟ ବିଦ୍ୟାଳୟରର ବିଦ୍ୟାର୍ଥୀଙ୍କ ଆଧୁନିକ ନୃତ୍ୟ, ଢେଙ୍କାନାଳ ଘୁମୁରା, ଜଗତ୍‌ସିଂହପୁରର ସାଂସ୍କୃତିକ କଳା ପରିଷଦର ଜଗନ୍ନାଥ ଭଜନ, ଯନ୍ତାରିବୋଲ ଆଦର୍ଶ ବିଦ୍ୟାଳୟର ଢେମ୍‌ସା ଏବଂ କୁନିକୁନି ପିଲାଙ୍କ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା।




ଜେମ୍‌ସ, ପପୁ ପମ୍‌ପମ୍ ଏବଂ ଅସୀମା ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଜମୁଛି ପଲ୍ଲିଶ୍ରୀ ମେଳା



କାମାକ୍ଷାନଗର, ୯।୨(ଡି.ଏନ୍.ଏ.)

■ପ୍ରଥମ ଦିନରେ ୫ ଲକ୍ଷ ଟଙ୍କାର ବ୍ୟବସାୟ
■ପୁରୀ ମାଲପୁଆ, କଟକ ଦହିବରା ଷ୍ଟଲ୍‌ରେ ଭିଡ଼

ରୋଷେଇ ଉପକରଣଠାରୁ ଆରମ୍ଭ କରି ଫିଲ୍‌ଟର ସବୁ ତିଆରି ହୋଇଛି ମାଟିରେ। ଦର ବି ସେତେ ବାଧିଲା ଭଳି ନୁହେଁ। କେବଳ ଏତିକି ନୁହେଁ, ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ପୋଷାକ, ପ୍ରସାଧନ ଜିନିଷ, ଘର ସଜାଇବା ଉପକରଣ ମଧ୍ୟ ମିଳୁଛି ସୁଲଭ ମୂଲ୍ୟରେ। ଗୋଟିଏ ସ୍ଥାନରେ ଅଧିକାଂଶ ସାମଗ୍ରୀ ମିଳିଯାଉଥିବାରୁ ନିଜ ପସନ୍ଦ ମୁତାବକ କିଣିନେଉଛନ୍ତି ଗ୍ରାହକ। ଆଧୁନିକ ସମୟରେ ପାରମ୍ପରିକ ସାମଗ୍ରୀର ଚାହିଦା କମି ନ ଥିବାବେଳେ ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ବ୍ୟବସାୟ ଜମୁଛି।

କାମାକ୍ଷାନଗର ମହୋତ୍ସବ ଉପଲକ୍ଷେ ଆୟୋଜିତ ଏହି ପଲ୍ଲିଶ୍ରୀ ମେଳାରେ ୬୨ଟି ଷ୍ଟଲ୍ ପଡ଼ିଛି। ବୁଧବାର ପ୍ରଥମ ଦିବସରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିଲା। ଦ୍ୱିତୀୟ ଦିବସ ଗୁରୁବାର ଅପରାହ୍ନରୁ ଷ୍ଟାଡିୟମ୍ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ମେଳା ୩ଦିନ ଥିବାବେଳେ ବ୍ୟବସାୟ ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ସଚେତନ କରାଇବାକୁ ପ୍ରଶାସନ ପକ୍ଷରୁ ଜିଲା ମତ୍ସ୍ୟ ସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ ସମେତ ଅନ୍ୟ ବିଭାଗର ସ୍ୱତନ୍ତ୍ର ଷ୍ଟଲ୍ ଖୋଲିଛି। ଏଠାରେ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଯାଉଛି। ତେବେ ପଲ୍ଲିଶ୍ରୀ ମେଳାରେ ସବୁଠାରୁ ଆକର୍ଷଣ ସାଜିଛି ଖାଦ୍ୟ ଷ୍ଟଲ୍। ପୁରୀର ମାଲପୁଆ, କଟକ ଦହିବରା ଆଳୁଦମ୍, ରାଜସ୍ଥାନର ସୁସ୍ୱାଦୁ ଖାଦ୍ୟ ଖାଇବା ଲାଗି ଦର୍ଶକଙ୍କ ଭିତରେ ବିପୁଳ ଉତ୍କଣ୍ଠା ପରିଲକ୍ଷିତ ହେଉଛି।

ଏହାକୁ ବାଦ୍‌ଦେଲେ ମହୋତ୍ସବ ଉପଲକ୍ଷେ ଆୟୋଜିତ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେଉଛି। ଗୁରୁବାର ସକାଳ ବେଳା କବାଡ଼ି, ଖୋଖୋ, ଫୁଟ୍‌ବଲ ପ୍ରତିଯୋଗିତା ଏବଂ ଅପରାହ୍ନରେ ଭଲିବଲ୍ ଖେଳ ଆୟୋଜିତ ହୋଇଥିଲା। ଏବେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଚାଲିଛି। କ୍ରୀଡ଼ା ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ଟ୍ରଫି ଲାଗି ଲଢ଼େଇ ହେବ ବୋଲି ଆୟୋଜକ ମଣ୍ଡଳୀ ସୂତ୍ରରୁ ସୂଚନା ଦିଆଯାଇଛି।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୨୮୩ ୱାର୍ଡସଭ୍ୟଙ୍କୁ ତାଲିମ

ଢେଙ୍କାନାଳ ଅଫିସ, ୯।୨

ଢେଙ୍କାନାଳ ସଦର ବ୍ଲକ କଣପଦାସ୍ଥିତ 'ଶୋଭା' ତାଲିମ କେନ୍ଦ୍ର ପରିସରରେ ୩ ଦିନିଆ ୱାର୍ଡସଭ୍ୟଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସଦର ବ୍ଲକ ଅଧୀନ ୩୦ ପଞ୍ଚାୟତର ୨୮୩ ୱାର୍ଡସଭ୍ୟ ଯୋଗଦେଇଥିଲେ। ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଦିବସରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ଏବଂ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡସଭ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଦେବାନନ୍ଦ ମହନ୍ତ, ସରୋଜ ଶତପଥୀ, ଶିଶିର ଶତପଥୀ, ଜିତେନ୍ଦ୍ର ପାଣି, ସୁଶାନ୍ତ ପତି, ଅଞ୍ଜନ ପତି, ପ୍ରଳୟ ଦାସ, ସୌଭାଗ୍ୟ ମହାପାତ୍ର, ଶ୍ରୀକାନ୍ତ ବେହେରା, ମମତା ଷଡ଼ଙ୍ଗୀ, ଅମର ମିଶ୍ର, ଶ୍ରୀନିବାସ ସାହୁ, ବିଭୂତି ଭୂଷଣ ପୃଷ୍ଟି, ଦିଲୀପ ସରକାର, କୃସିଦା ବେଗମ, ସୟଦ ସଫିର ଅଲ୍ଲୀ, ବିକ୍ରମାଦିତ୍ୟ ଜେନା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ କାମାକ୍ଷାନଗର ବ୍ଲକର ଆଦର୍ଶ ପଞ୍ଚାୟତ ରାୟନୃସିଂହପୁର ଏବଂ କୋଟଗରା ପଞ୍ଚାୟତ ପରିଦର୍ଶନରେ ଯାଇଥିଲେ। ଶେଷ ଦିନରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୋନାଲିସା ସାହୁ ଶିବିର ପରିଚାଳନା କରିଥିବାବେଳେ ପ୍ରଶାନ୍ତ ଦାସ ସଂଯୋଜନା କରିଥିଲେ।

# ୧୯.୯ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ଢେଙ୍କାନାଳ ଅଫିସ୍, ୯।୨

■ଯୁବକ ଗିରଫ, ନାବାଳକ ଅଟକ
■ପିସ୍ତଲ, ଲାଇଟର ଗନ୍, ବାଇକ ଜବତ

ଢେଙ୍କାନାଳ ସଦର ଥାନା ଅଞ୍ଚଳରୁ ଗତ ବୁଧବାର ୧୯.୯ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଘଟଣାରେ ମୋଟଙ୍ଗା ଥାନା ବଡ଼ବାହାଳି ଗ୍ରାମର କୁନା ପ୍ରଧାନ (୨୬)ଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଲାଇଟର ଗନ୍, ୨ ବାଇକ୍ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହି ଘଟଣାର ତଦନ୍ତ ବେଳେ ବାରଦା ଗ୍ରାମ ନିକଟରେ ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାରେ ବ୍ୟବହୃତ ଏକ ବୋଲେରୋ ଧରାପଡ଼ିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଏ ନେଇ ସୂଚନା ଦେଇଛନ୍ତି। କୁନାଙ୍କ ନାମରେ ଢେଙ୍କାନାଳ ସଦର ଥାନା, କଣ୍ଟାବଣିଆ ଥାନା, ପରଜଙ୍ଗ ଥାନା, ମୋଟଙ୍ଗା ଥାନା, ଅନୁଗୋଳ ଜିଲାର ବଁଅରପାଳ ଥାନା, ବିକ୍ରମପୁର ଥାନା, ହଣ୍ଡପା ଥାନା, କିଶୋରନଗର ଥାନା, ସମଲ ଥାନାରେ ୩୨ ମାମଲା ରହିଛି। ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ସଦର ଥାନାଧିକାରୀ ପ୍ରଦୀପ୍ତ କୁମାର ପ୍ରଧାନ, ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୧୦୬/୨୩ରେ ଏକ ମାମଲା ରୁଜୁ ହୋଇଥିଲା।


ବ୍ରାଉନସୁଗାର ଜବତ ଘଟଣାରେ ଗିରଫ ଅଭିଯୁକ୍ତ।

## ଖେଳୁଥିବା ବେଳେ ମାଡ଼ିଗଲା ଟ୍ରାକ୍ଟର

# ୪ବର୍ଷର ଶିଶୁପୁତ୍ର ମୃତ

କାମାକ୍ଷାନଗର, ୯।୨(ଡି.ଏନ୍.ଏ.)

ଗାଁ ଦାଣ୍ଡରେ ଖେଳୁଥିବାବେଳେ ମାଡ଼ିଗଲା ଟ୍ରାକ୍ଟର। ଏଥିରେ ଚାଲିଗଲା ଜଣେ ୪ ବର୍ଷର ଶିଶୁଙ୍କ ଜୀବନ। ବୁଧବାର ଏଭଳି ଦୁଃଖଦ ଘଟଣା ଘଟିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା କନ୍ତିଓପୁଟସାହି ଗ୍ରାମରେ। ମୃତକ ହେଲେ ବିଜୟ ଦେହୁରୀଙ୍କ ପୁଅ ବିସ୍ମୟ (୪)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ମଧ୍ୟାହ୍ନରେ ବିସ୍ମୟ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ଉକ୍ତ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମୃତଦେହ ଜବତ କାମାକ୍ଷାନଗର ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ କରି ପୋଲିସ ତଦନ୍ତ ଚଳାଇଛି।



ଗଗନ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପାଇଥିବା ସୁନାଗହଣା ଫେରାଇ ଶ୍ରମିକ ସମ୍ବର୍ଦ୍ଧିତ

ଢେଙ୍କାନାଳ ଅଫିସ, ୯।୨

ରାସ୍ତାରୁ ପାଇଥିବା ସୁନାଗହଣା ଫେରାଇ ସମ୍ବର୍ଦ୍ଧିତ ହୋଇଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ଥାନା ମନ୍ଦାର ଗ୍ରାମର ଗଗନ ଦେହୁରୀ। ଜଣେ ଶ୍ରମିକଙ୍କ ଏଭଳି ବଦାନ୍ୟତା ପାଇଁ ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାୟ। ଗଗନ ଆମ ସମସ୍ତଙ୍କ ପାଇଁ ଆଦର୍ଶ ଏବଂ ପ୍ରେରଣା ବୋଲି ଡିଆଇଜି କହିଥିଲେ।

ସୂଚନାଯୋଗ୍ୟ, ଗତ ୫ ତାରିଖରେ ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମର ସୁଜିତ ମହାରଣା ତାଙ୍କ ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଭୁବନ ଅଭିମୁଖେ ଯାଉଥିବାବେଳେ ୨ଲକ୍ଷ ଟଙ୍କାର ସୁନା ଗହଣା ଥିବା ବ୍ୟାଗ୍ ରାସ୍ତାରେ ଖସିପଡ଼ିଥିଲା। ଏହାକୁ ପାଇଥିଲେ ମନ୍ଦାର ଗ୍ରାମର ଦିନ ମଜୁରିଆ ଭାବେ କାମ କରୁଥିବା ଗଗନ ଏବଂ ତାଙ୍କ ସ୍ତ୍ରୀ ମାଳତି। ସୁନାଗହଣା ହଜିବା ନେଇ ସୁଜିତ୍ ଗଁଦିଆ ଥାନାରେ ଅଭିଯୋଗ କରିଥିଲେ। ତେବେ ଲୋଭର ବଶବର୍ତ୍ତୀ ନ ହୋଇ ଶ୍ରମିକ ଦମ୍ପତି ସୁନାଗହଣା ବ୍ୟାଗ୍‌କୁ ଗଁଦିଆ ଥାନାରେ ଦାଖଲ କରିଥିଲେ। ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆଙ୍କ ଉପସ୍ଥିତିରେ ଗଗନ ଏବଂ ତାଙ୍କ ସ୍ତ୍ରୀ ଉକ୍ତ ସୁନାଗହଣା ବ୍ୟାଗ୍‌କୁ ସୁଜିତଙ୍କୁ ହସ୍ତାନ୍ତର କରିଥିଲେ।


ମହାବିରୋଡ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ଢେଙ୍କାନାଳ ପୋଲିସ ଦ୍ୱାରା ଜବତ ସୁନା ଅଳଙ୍କାର, ଟଙ୍କା ଓ ମାରଣାସ୍ତ୍ର।


ଡକାୟତି ଏବଂ ଅନ୍ୟ ଆପରାଧିକ ମାମଲାରେ ପୋଲିସ ଦ୍ୱାରା ଜବତ ହୋଇଥିବା ଗାଡ଼ି।

# ୧୫ରୁ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ଅନୁଗୋଳ ଅଫିସ, ୯।୨:** ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଅନୁଗୋଳ ଜିଲାର ସମସ୍ତ ବ୍ଲକରେ ଆସନ୍ତା ୧୫ରୁ ୨୪ ତାରିଖ ଯାଏ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଏହା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ସରକାରୀ (ଆଇଟିଆଇ) ଓ (ପଲିଟେକ୍‌ନିକ) ସହିତ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ଯୋଗଦେଇ ଅନୁଗୋଳ ଜିଲାର ଚାକିରି ଅନ୍ୱେଷଣରେ ଥିବା ଯୁବପିଢ଼ିଙ୍କୁ ସ୍ୱଳ୍ପ ଅବଧି ତାଲିମ ସହିତ ନିଯୁକ୍ତିଭିତ୍ତିକ ପରାମର୍ଶ ଦେବେ। ଏଥିପାଇଁ ଅନୁଗୋଳ ଜିଲାର ସମସ୍ତ ପ୍ରାର୍ଥିନୀ ଓ ପ୍ରାର୍ଥୀ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାରକାର୍ଡ, ଫଟୋ ସହିତ ଶିବିରରେ ପହଞ୍ଚିବାକୁ ଜିଲା ନିଯୋଜନ ଅଧିକାରୀ ସୂଚନା ଦେଇଛନ୍ତି। ଆସନ୍ତା ୧୫ ତାରିଖରେ ଏହି ଶିବିର ପାଲଲହଡ଼ାରେ, ୧୬ରେ କଣିହାଁ, ୧୭ରେ ତାଳଚେର, ୨୦ରେ ବଅଁରପାଳ, ୨୧ରେ ଛେଣ୍ଡିପଦା, ୨୨ରେ କିଶୋରନଗର, ୨୩ରେ ଆଠମଲ୍ଲିକ ଓ ୨୪ ତାରିଖରେ ଅନୁଗୋଳ ବ୍ଲକରେ ଅନୁଷ୍ଠିତ ହେବ। ଏଥିରେ ବିପୁଳ ସଂଖ୍ୟାରେ ଯୁବତୀ ଯୁବକମାନେ ଯୋଗଦାନ କରି ବିଭିନ୍ନ ସ୍ୱଳ୍ପ ସମୟ ଅବଧି କିମ୍ବା ସରକାରୀ ଆଇଟିଆଇ ଓ ପଲିଟେକ୍‌ନିକରେ ନାମ ପଞ୍ଜୀକରଣ କରି ଏହି ପାଠ୍ୟକ୍ରମରେ ଯୋଗଦାନ କରିବାକୁ ଜଣାଇ ଦିଆଯାଇଛି।

# ବ୍ଲକ ଘେରାଉ କଲା ଭାଜପା



ଭାଜପା କର୍ମକର୍ତ୍ତାମାନେ ବ୍ଲକ ଘେରାଉ କରିବାକୁ ଯାଉଛନ୍ତି।

**ତାଳଚେର, ୯।୨ (ନି.ପ୍ର.)**

## ଆବାସରେ ଅନିୟମିତତା ଅଭିଯୋଗ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା, ଦୁର୍ନୀତି ହୋଇଥିବା ଅଭିଯୋଗ କରି ଗୁରୁବାର ତାଳଚେର ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇଥିଲା। ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ୨୧ଟି ପଞ୍ଚାୟତରୁ ଆସିଥିବା ଶତାଧିକ କାର୍ଯ୍ୟକର୍ତ୍ତା ଓ ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଭାଜପା ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ସାମଲ ଯୋଗଦେଇ କେନ୍ଦ୍ର ସରକାର ଆବାସ ଯୋଜନାରେ ଗରିବଙ୍କ ପାଇଁ ଦେଉଥିବା ଘରକୁ ଓଡ଼ିଶା ସରକାର ହଡ଼ପ କରୁଥିବା ଅଭିଯୋଗ କରିଥିଲେ। ପ୍ରକୃତ ହିତାଧିକାରୀଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଆବାସ ଯୋଜନାରେ ସାମିଲ କରା ନ ଗଲେ ବ୍ଲକ ଅଫିସକୁ ଅଚଳ କରାଯିବ ବୋଲି ସାମଲ ଚେତାବନୀ ଦେଇଥିଲେ। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ଏହି ସଭାରେ ଯୋଗଦେଇ ଲୋକଙ୍କ ସ୍ୱାର୍ଥକୁ ନେଇ ପଞ୍ଚାୟତସ୍ତରରୁ ବିଧାନସଭା ପର୍ଯ୍ୟନ୍ତ ଦଳ ଲଢ଼େଇ କରିବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ଉପ ସଭାପତି ମନୋଜ ପ୍ରଧାନ, ଏସ୍‌ସି ମୋର୍ଚ୍ଚା ସଭାପତି ଅଜୟ ଗୋଛାୟତ, ମଣ୍ଡଳ ସଭାପତି ବରୁଣ ସାହୁ, ନରେଶ ବେହେରା, ନରେନ୍ଦ୍ର ସାହୁ, ସତ୍ୟବନ୍ତ ସାହୁ, ପେସ୍କାର ଗଡ଼ନାୟକ, ଉଚ୍ଛନ ପଟ୍ଟନାୟକ, ଅଖିଳ ସାମଲ, ବିଭୂତି ସାହୁ, ସରପଞ୍ଚ ସହଦେବ ସାହୁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ହରମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଅନୁଗୋଳ ଅଫିସ, ୯।୨**

ଆସନ୍ତା ୧୧ ତାରିଖରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳସ୍ଥିତ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୩ ଅନୁଷ୍ଠିତ ହେବ। ଏଥିରେ ଫୌଜଦାରି (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ, ଫୌଜଦାରି ମକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଏହାସହିତ ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମାର ସମାଧାନ ହୋଇପାରିବ। ଏଥିପାଇଁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଅଫିସର୍ସ ସଂଘ ବାର୍ଷିକ ବୈଠକ

**ବଅଁରପାଳ, ୯।୨ (ଡି.ଏନ.ଏ.)**

ଅନୁଗୋଳସ୍ଥିତ ନାଲ୍‌କୋ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସ ଅଫିସର୍ସ ସଂଘର ବାର୍ଷିକ ସାଧାରଣ ବୈଠକ ତଥା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରସନ୍ନ କୁମାର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘ କୋଷାଧ୍ୟକ୍ଷ ଗୌତମ ନାୟକ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ବୈଠକରେ ସଂଘ କାର୍ଯ୍ୟନିର୍ବାହୀ ସମିତି କାର୍ଯ୍ୟକାଳର ପରିସମାପ୍ତି ଘୋଷଣା କରାଯିବା ସହିତ ପରବର୍ତ୍ତୀ କାର୍ଯ୍ୟନିର୍ବାହୀ ସମିତି ପାଇଁ ନିର୍ବାଚନ ପରିଚାଳନା କରିବା ନିମିତ୍ତ ସିପିପିର ସଂଗ୍ରାମ କେଶରୀ ସାମନ୍ତରାୟଙ୍କୁ ମୁଖ୍ୟ ନିର୍ବାଚନ ଅଫିସର ଓ ସ୍ମେଲଟର ବେଦବ୍ରତ ଆର୍ଯ୍ୟଙ୍କୁ ସହାୟକ ନିର୍ବାଚନ ଅଫିସର ଭାବେ ଘୋଷଣା କରାଯାଇଥିଲା। ସଂଘର ପୂର୍ବତନ ସଭାପତି ଅରୁଣ କୁମାର ସାହୁ ଉପସ୍ଥିତ ସଦସ୍ୟମାନଙ୍କୁ ସଂଘର କାର୍ଯ୍ୟକଳାପ, ପରିଚାଳନା ଆଦି ଉପରେ ଅଭିଭାଷଣ ରଖିଥିଲେ। ଶେଷରେ ଯୁଗ୍ମସମ୍ପାଦକ କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗ ଦେଇଥିବା ଅଫିସରମାନେ।

# ପବିତ୍ରମୋହନଙ୍କ ସ୍ମୃତିଚାରଣ

**କଣିହାଁ, ୯।୨ (ଡି.ଏନ.ଏ.)**

କଣିହାଁ ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପବିତ୍ରମୋହନ ପ୍ରେମୀମାନେ କଣିହାଁ, ଟାକୁଆ, ପବିତ୍ରନଗର, କାକୁଡିଆ, କଣ୍ଟାପାଳ, ସାନତ୍ରୀବିଡା, ରେଙ୍ଗାଳି ଆଦି ଅଞ୍ଚଳରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ତାଳଚେର ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସହିତ ବିଭିନ୍ନ ଅନୁଷ୍ଠାନ ସଦସ୍ୟ ଓ ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ପବିତ୍ର ମୋହନଙ୍କ ଜନ୍ମମାଟି ଦଲକ ପଞ୍ଚାୟତ ପୋଇପାଳ ଗ୍ରାମରେ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହିତ ସରପଞ୍ଚ ସଙ୍ଗିତା ଡାକୁଆ, ସାମାଜିକ କର୍ମୀ ହରେକୃଷ୍ଣ ପ୍ରଧାନ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ରେଙ୍ଗାଳି ଡିଗ୍ରୀ କଲେଜରେ ଅଧ୍ୟକ୍ଷ ହେମନ୍ତ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ନୃସିଂହ ବରାଳ, ଧନେଶ୍ୱର ମହାନ୍ତି, ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ।


ପବିତ୍ର ମୋହନଙ୍କ ଜନ୍ମମାଟି ଦଲକ ପଞ୍ଚାୟତ ପୋଇପାଳ ଗ୍ରାମରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

# ଆଜାଦୀ କା ଅମୃତ ମହୋତ୍ସବ ଉଦ୍‌ଯାପିତ




**ଅନୁଗୋଳ ଅଫିସ, ୯।୨**

କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଅନୁଗୋଳ ଜିଲାର ଅଙ୍ଗାରବନ୍ଧଠାରେ ଆୟୋଜିତ ୩ ଦିନିଆ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରଗାଥାକୁ ଲୋକ ଲୋଚନକୁ ଆଣି ସଚେତନତା ସୃଷ୍ଟି କରିଥିବାରୁ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାସ ବେହେରା ମୁକ୍ତି ସଂଗ୍ରାମରେ ଯୋଗଦାନ ଦେଇଥିବା ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଜାତା ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମୟୀ ବେହେରା ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଅନୁଗୋଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ ଆଜାଦୀ କା ଅମୃତ ମହୋତ୍ସବର ଆଭିମୁଖ୍ୟ ବୁଝାଇଥିଲେ। ଏହି ଅବସରରେ ସଞ୍ଚାର ବ୍ୟୁରୋ ତରଫରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାକାର କୁଳମଣି ସାହୁ, ଅଭିଜିତ ଭୌମିକ, ହିମାଂଶୁ ଶେଖର ନାୟକ, ଜୀବନ ବାବୁ ଏବଂ ମହେନ୍ଦ୍ର ପ୍ରସାଦ ଜେନା କାର୍ଯ୍ୟ ପରିଚାଳନା କରିଥିଲେ। ମୁକୁନ୍ଦ ଦତ୍ତ ମିଶ୍ର, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ୧୫୪ ଜଣଙ୍କ ଚକ୍ଷୁ ପରୀକ୍ଷା

**ତାଳଚେର, ୯।୨ (ନି.ପ୍ର.)**

ଏନ୍‌ଟିପିସି/ଟିଟିପିଏସ୍ ଆନୁକୂଲ୍ୟରେ ତାଳଚେର କୁକୁଡୁଲା ଉଚ୍ଚ ବିଦ୍ୟାଳୟଠାରେ ଡା. ଅଗ୍ରୱାଲା ଆଇ ହସ୍ପିଟାଲ ସହଯୋଗରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସି/ଟିଟିପିଏସ୍ ଜିଏମ୍ (ପ୍ରୋଜେକ୍ଟ) ଆର୍.କେ. ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସାଗରିକା ଲେଡିଜ୍ କ୍ଲବର ସଦସ୍ୟା, ଆଶାଲୋକ ହସ୍ପିଟାଲର ଚିଫ୍ ମେଡିକାଲ ଅଫିସର ଡା. ଭାରତୀ ସିଂହ ଉପସ୍ଥିତ ଥିଲେ। ଏହି ଶିବିରରେ ୧୫୪ ଜଣ ଚକ୍ଷୁ ପରୀକ୍ଷା କରିଥିଲେ ଓ ୬୧ ଜଣଙ୍କୁ ଔଷଧ ବିତରଣ କରାଯାଇଥିଲା। ଏନ୍‌ଟିପିସି/ଟିଟିପିଏସ୍ ଏଚ୍‌ଆର୍ ବିଭାଗ କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଏହି ଶିବିର ସମ୍ପନ୍ନ ହୋଇଥିଲା।



ଶିବିରରେ ଉପସ୍ଥିତ ଡାକ୍ତର ଓ ଅଧିକାରୀମାନେ।

# ସଙ୍ଗୀତ ଆସର ବନ୍ଦ କଲା ପୋଲିସ

**ଅନୁଗୋଳ ଅଫିସ, ୯।୨**

## ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମୟ ଜ୍ଞାନକୁ ନେଇ ଚର୍ଚ୍ଚା

ଅନୁଗୋଳ ସହରର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ବୁଧବାର ରାତିଅଧରେ ଚାଲିଥିବା ସଙ୍ଗୀତ ଆସରକୁ ବନ୍ଦ କରିଛି ପୋଲିସ। ରାତି ୧୦ଟା ଯାଏ ଏସବୁକୁ ଅନୁମତି ଥିବା ଜାଣି ମଧ୍ୟ ବିଳମ୍ବିତ ରାତି ଯାଏ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ କରୁଥିବା ସମ୍ପୃକ୍ତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମୟ ଜ୍ଞାନକୁ ନେଇ ଗୁରୁବାର ଅନୁଗୋଳ ସହରରେ ଜୋର୍‌ଦାର ଚର୍ଚ୍ଚା ହୋଇଛି।

ସୂଚନା ଅନୁଯାୟୀ, ସହରର ସମ୍ପୃକ୍ତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ବୁଧବାର ରାତିରେ ପାର୍ଟି ଚାଲିଥିଲା। ନାଚ, ଗୀତରେ ଅତିଥିଙ୍କ ସହ ପରିବାର ଲୋକମାନେ ବେଶ୍ ମଉଜ କରିଥିଲେ। ଏପରି କି ଅତିଥିମାନେ ଯିବା ପରେ ମଧ୍ୟ ବିଳମ୍ବିତ ରାତି ଯାଏ ସଙ୍ଗୀତ ଆସର ବନ୍ଦ ହୋଇ ନ ଥିଲା। ତେବେ ଅଭିଯୋଗ ପାଇ ହଠାତ୍ ପୋଲିସ ସେଠାରେ ପହଞ୍ଚି କାର୍ଯ୍ୟକ୍ରମ ବନ୍ଦ କରାଇବା ପରେ ସମ୍ପୃକ୍ତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମୁହଁ ଆମ୍ବିଳା ମାରିଯାଇଥିଲା। ଯେଉଁ ବ୍ୟକ୍ତି ବିଭିନ୍ନ ସମୟରେ ଲୋକଙ୍କୁ ଗୁରୁଜ୍ଞାନ ଦେଇଥାନ୍ତି, ଏପରି କି ସହରରେ ଭସାଣି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ କଟକଣାକୁ କଡ଼ାକଡ଼ି ମାନିବାକୁ ତାଗିଦ୍ କରନ୍ତି, ତାଙ୍କ ଘରେ ଏପରି କଟକଣାକୁ ଉଲ୍ଲଂଘନ କରାଯିବା ସହରରେ ଆଲୋଚନାର ବିଷୟ ହୋଇଛି। ଘଟଣା ସମ୍ପର୍କରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଉକ୍ତ ଅଞ୍ଚଳରୁ ୧୧୨କୁ ଫୋନ୍‌ରେ ଅଭିଯୋଗ ଆସିଥିଲା। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ କାର୍ଯ୍ୟକ୍ରମ ବନ୍ଦ କରିଥିଲା।

# ଚିକିତ୍ସା କ୍ଷେତ୍ରରେ ଯତ୍ନବାନ ହୁଅ


କଣିହାଁ ମେଡିକାଲରେ ଉପସ୍ଥିତ କାୟାକଳ୍ପ ଟିମ୍‌ର ସଦସ୍ୟମାନେ।

**କଣିହାଁ, ୯।୨ (ଡି.ଏନ.ଏ.)**

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

କଣିହାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଓ ଅନ୍ୟ କର୍ମଚାରୀମାନେ ଟିମ୍‌କୁ ସ୍ୱାଗତ କରିଥିଲେ। ଏଥିସହିତ ମେଡିକାଲରେ ହୋଇଥିବା ବିଭିନ୍ନ ଉନ୍ନତି କାର୍ଯ୍ୟ ଦେଖାଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ପ୍ରତିକାର ବ୍ୟବସ୍ଥା, ଔଷଧ ଉଦ୍ୟାନ, ଦୂଷିତ ପରିବେଶ ସୁରକ୍ଷା ପାଇଁ ନିତ୍ୟ ବ୍ୟବସ୍ଥା, ନିରାମୟ ଔଷଧ ପ୍ରଦାନ ବ୍ୟବସ୍ଥା, ସୌନ୍ଦର୍ଯ୍ୟ କାର୍ଯ୍ୟ ଟିମ ସଦସ୍ୟ ବୁଲି ଦେଖିଥିଲେ। ଏହି ଟିମ୍‌ରେ ଭୁବନେଶ୍ୱରର ଡାକ୍ତର ଶୁଭ୍ରାଂଶୁ ପ୍ରଧାନ, ଡାକ୍ତର ଦେବଦତ୍ତ ପତି, ପ୍ରଣୟ ମହାପାତ୍ର, ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଡିପିଏଏମ୍ ଦୀପକ ମହାନ୍ତି, କ୍ୱାଲିଟି ମ୍ୟାନେଜର ବ୍ରତିନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଳକା ସାମଲ, ଡା. ରାକେଶ ମହାରଣା, ଡା. ଦିଲୀପ ପ୍ରଧାନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ, ବିପିଏମ ମୋନାଲିସା ପ୍ରଧାନ, ଅନୁପ କର, ମନିଜିତ ସାହୁଙ୍କ ସହିତ ଅନ୍ୟ ଷ୍ଟାଫ ସହଯୋଗ କରିଥିଲେ। କାୟାକଳ୍ପ ଟିମ୍ ସଦସ୍ୟ ଚିକିତ୍ସା ସୁବିଧା କ୍ଷେତ୍ରରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

# ୨୫୫ ଗ୍ରାମ ବ୍ରାଉନସୁଗାର ଜବତ

**ଅନୁଗୋଳ ଅଫିସ, ୯।୨**

ଅନୁଗୋଳ ଜିଲା ଅବକାରୀ ବିଭାଗକୁ ପୁଣି ବଡ଼ ସଫଳତା ମିଳିଛି। ଗୁରୁବାର ନାଲ୍‌କୋ ଥାନା କାଣ୍ଡସର ଠାରୁ ୨୫୫ ଗ୍ରାମ ବ୍ରାଉନସୁଗାର ଜବତ ସହିତ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ଗିରାଙ୍ଗ ଗାଁର ନିଲୁ ସାହୁ(୪୦) ବୋଲି ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର କାଣ୍ଡସର ଗ୍ରାମରୁ ସନ୍ତୋଷ ସାହୁଙ୍କୁ ଅବକାରୀ ବିଭାଗ ମାଡ଼ି ବସିଥିଲେ। ତାଙ୍କ ନିକଟରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ସନ୍ତୋଷଙ୍କୁ ପଚରା ଉଚରା ସମୟରେ ସେ ନିଲୁଙ୍କ ପାଖରୁ ବ୍ରାଉନସୁଗାର ଆଣି ବ୍ୟବସାୟ କରୁଥିବା ସ୍ୱୀକାର କରିଥିଲେ। ଗୁରୁବାର ସକାଳେ ନିଲୁ ବ୍ରାଉନ ସୁଗାର ବିକ୍ରି ପାଇଁ ଘରୁ ବାହାରିବା ସମୟରେ ଅବକାରୀ ବିଭାଗ ତାଙ୍କୁ ମାଡ଼ି ବସିଥିଲେ। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୨୫୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏହାର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଏସ୍‌ପି ନାୟକ ସୂଚନା ଦେଇଛନ୍ତି।



# ଧାନ କିଣାଯାଉ ନ ଥିବାରୁ ଚାଷୀ ଅସନ୍ତୁଷ୍ଟ



**ବଇଣ୍ଡା, ୯।୨ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ସେବା ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ମିଲର ଧାନ କିଣୁନାହାନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଗୁରୁବାର କେତେଜଣ ଚାଷୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ଜିଲା ଯୋଗାଣ ଅଧିକାରୀ, ଆଠମଲ୍ଲିକ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଚାଷୀମାନେ କହିଛନ୍ତି, ପାଇକସାହି ସୋସାଇଟିରେ ସାପଘରା, ପାଇକସାହି, ଟାପଢୋଲ ଆଦି ପଞ୍ଚାୟତର ୪୦୩ ଚାଷୀ ଧାନକୁ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୩୫ ଜଣ ଧାନ ବିକ୍ରି କରିଥିବାବେଳେ ୧୬୮ ଚାଷୀ ଧାନ ବିକ୍ରି କରି ନ ପାରି ସୋସାଇଟିରେ ଗଚ୍ଛିତ ରଖିଛନ୍ତି। କିନ୍ତୁ ମିଲର କିମ୍ବା ଯୋଗାଣ ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଯୋଗୁ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଧାନ କିଣା ନ ହେଲେ ଆଗାମୀଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀ ବିପିନୀ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ଯୋଗେଶ୍ୱର ନାୟକ, ଦୀନବନ୍ଧୁ ନାୟକ, ବିବେକା ପ୍ରଧାନ, କରୁଣା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ ଶିବାଶିଷ ଜେନା କୁହନ୍ତି, ଧାନ କିଣିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ।

# ୫ଶହ କି.ମି. ବୁଲିବ ସାଇକେଲ ସଚେତନତା ଯାତ୍ରା

## ବନାଗ୍ନି ପ୍ରତିରୋଧ ପାଇଁ ସହଯୋଗ ଲୋଡ଼ିବା ଉଦ୍ଦେଶ୍ୟ

**ଅନୁଗୋଳ ଅଫିସ, ୯।୨**

ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ଜନ ସହଯୋଗ ଲୋଡିବା ଉଦ୍ଦେଶ୍ୟରେ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ତରଫରୁ ଆରମ୍ଭ ହୋଇଛି ୫୦୦ କିଲୋମିଟରର ସାଇକେଲ ସଚେତନତା ଯାତ୍ରା। ଗତ ଫେବୃୟାରୀ ୬ରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଅନୁଗୋଳ, ସାତକୋଶିଆ ଓ ଆଠମଲ୍ଲିକ ବନଖଣ୍ଡର ଟିକରପଡା, ବିନିକେଇ, ଆଠମଲ୍ଲିକ, ଠାକୁରଗଡ଼, ଅଙ୍ଗପଡା, ରଣିଆକଟା, ମାନଜୋର, ବାମୁର, ନାକଚି, ବଇଣ୍ଡା, ଜରପଡା, ବଡକେରା, ବନ୍ତଳା, ମହୀଧରପୁର ଆଦି ଅଞ୍ଚଳ ପରିକ୍ରମା କରି ପ୍ରାୟ ୨୫୦ରୁ ଅଧିକ ଗ୍ରାମ/ପଡ଼ାବାସୀ ଏବଂ ୧୫ରୁ ଊର୍ଦ୍ଧ୍ୱ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନ କରିବ। ଏହି ଯାତ୍ରା ସମୟରେ ଗ୍ରାମ କୋଠଘର, ହାଇସ୍କୁଲ ଓ ଜନଗହଳି ଜାଗାରେ ଡାକବାଜି ଯନ୍ତ୍ର ଏବଂ ସଚେତନତା ଫର୍ଦ୍ଦ ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ନିଆଁର ଭୟାବହତା, ଜଙ୍ଗଲ ନିଆଁର କାରଣ ଓ ତା'ର ପ୍ରତିକାର ଏବଂ ଜଙ୍ଗଲର ଆବଶ୍ୟକତା ବିଷୟରେ ସଚେତନ କରାଯାଉଛି। ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଜଣେ ଜଣେ ପ୍ରକୃତି ପ୍ରେମୀ ରୂପେ ଗଢି ତୋଳିବାକୁ ଅନୁଷ୍ଠାନ ପକ୍ଷରୁ ପରାମର୍ଶ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ପରିବେଶଧର୍ମୀ ଓପନ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ସାଇକେଲ ସଚେତନତା ଯାତ୍ରାରେ ଅନୁଷ୍ଠାନର ଶୁଭେନ୍ଦୁ ସାହୁ, ଦିଲୀପ କୁମାର ସାହୁ, ପିଣ୍ଟୁ ବେହେରା, ରାଜେଶ ରଞ୍ଜନ ସାହୁ, ସିଦ୍ଧାର୍ଥ ପ୍ରଧାନ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି।



ସାଇକେଲ ସଚେତନତା ଯାତ୍ରା ବେଳେ ଛାତ୍ରୀଛାତ୍ରଙ୍କୁ ବାର୍ତ୍ତା ପ୍ରଦାନ କରାଯାଉଛି।

